ପ୍ରେସ୍ ନୋଟ୍

# ଲୋକକଳା ଶିକ୍ଷା ସୂଚନା ଓ ଯୋଗାଯୋଗ ନିମନ୍ତେ ସାଂସ୍କୃତିକ ସଂସାଧନ ସଭ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ ।

ଅନୁଗୋଳ ତା. ୩୧.୦୮ : ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଠାରେ ଦୁଇ ଦିନିଆ କର୍ମଶାଳା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସ୍ୱାସ୍ଥ୍ୟ ରକ୍ଷା ଓ ଭିତ୍ତିଭୂମୀ ବିକାଶ ଉପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପାରମ୍ପରିକ ଲୋକକଳା ମାଧ୍ୟମରେ ଶିକ୍ଷା,ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିବା ସହ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଆସିଥିବା ସଂସାଧନ ସଭ୍ୟମାନଙ୍କୁ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ସେପ୍ଟେମ୍ବର ମାସ ୧୫ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର କରିବାକୁ ଥିବା କଳାକାରମାନଙ୍କୁ ପ୍ରଶିକ୍ଷଣ ଦେବାକୁ ସରକାରୀ ନିୟମାବଳୀ,ବିଷୟବସ୍ତୁ ଇତ୍ୟାଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା କଳାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦ୍ୱାରା ସେମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ହୋଇପାରିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଲୋକକଳାର ସୁରକ୍ଷା ସହ କଳାକାରମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଓ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଳ ଉଦ୍ଦେଶ୍ୟ । ମୁଖ୍ୟତଃ ଏହି କାର୍ଯ୍ୟକ୍ରମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆମ ହସପିଟାଲ,ଆମ ଓଡିଶା ନବୀନ ଓଡିଶା, କୃଷି ଋଣ ପ୍ରଦାନ, ଫସଲ ବୀମା, ମଧୁବାବୁ ପେନସନ୍ ଯୋଜନା, 5T ମାଧ୍ୟମରେ ବିଦ୍ୟାଳୟ ରୁପାନ୍ତରିକରଣ, ମିଶନ ଶକ୍ତି,କ୍ରିଡା,ମମତା ଓ ହରିଶ୍ଚନ୍ଦ୍ର ଯୋଜନା ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡନାୟକ,ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ, ଡି ପି ଇ ଓ ଶ୍ରୀ ଭିକାରୀ ବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗ ଅପରାହ୍ନରେ ପାୱାର ପଏଣ୍ଟ ମାଧ୍ୟମରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଦାସକାଠିଆ, ପାଲା, ଘୋଡାନାଚ ଓ ସମ୍ବଲପୁରୀ ନୃତ୍ୟ ସ୍କ୍ରିନ୍ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା ।


ଜିଲ୍ଲା ସ୍ତରୀୟ ସଂସାଧନ ସଭ୍ୟଙ୍କ
ପ୍ରଶିକ୍ଷଣ ଶିବିର